ସ୍ୱଳ୍ପ ବୃଷ୍ଟିପାତ ଓ ଜଳ ସେଚନର ଅଭାବ ଏବଂ ଋଣଭାର ଯୋଗୁଁ ରାଜ୍ୟର ଚାଷୀ ଭାଇମାନେ ଆତ୍ମହତ୍ୟା କରିବା ପ୍ରସଙ୍ଗରେ

# ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସଠିକ୍ କ୍ଷତିପୂରଣ ଦେବା ସହ କୃଷିଋଣ ଛାଡ କରନ୍ତୁ: ବିଜେପି

- ଚାଷୀଙ୍କୁ କାଳ ପଡିଥିବାବେଳେ ରାଜ୍ୟ ସରକାର ଖେଳରେ ମାତିଛନ୍ତି
- ରାଜ୍ୟ ସରକାର କେବଳ ଘୋଷଣା ସର୍ବସ୍ୱ ସରକାର
- ଚାଷୀ ବିରୋଧୀ ସରକାର ଏବେ ବି କୁମ୍ଭକର୍ଣ୍ଣ ନିଦରେ ଶୋଇଛନ୍ତି
- ଆଗାମୀ ଦିନରେ ରାଜ୍ୟର କୃଷକ ଭାଇମାନଙ୍କ ହିତକୁ ଆଖି ଆଗରେ ରଖି ଭାରତୀୟ ଜନତା ପାର୍ଟି ରାଜ ରାସ୍ତାକୁ ଓହ୍ଲାଇବ

**ଭୁବନେଶ୍ୱର, ତା.୨୬/୧୦:** ପଶ୍ଚିମ ଓଡିଶାରେ ସ୍ୱଳ୍ପ ବୃଷ୍ଟିପାତ ଏବଂ ଜଳ ସେଚନର ଅଭାବ ଯୋଗୁଁ ଚାଷ ଜମି ଫାଟି ଆଁ କଲାଣି । ଏହାର ପ୍ରଭାବରେ ହଜାର ହଜାର ହେକ୍ଟର ଜମିର ଫସଲ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । ଗୋଟିଏ ପଟେ ଫସଲ ନଷ୍ଟ ଏବଂ ଅନ୍ୟପଟେ ଋଣଭାରରେ ପେଶି ହୋଇ ଗତ ୨ ଦିନ ଭିତରେ କ୍ରମାଗତ ଭାବେ ୪ ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି । ପ୍ରତିଦିନ ଚାଷୀ ଆତ୍ମହତ୍ୟାର ରିପୋର୍ଟ ଗଣମାଧ୍ୟମରେ ପ୍ରକାଶିତ ହେଉଛି । ଏହା ସତ୍ୱେ ରାଜ୍ୟସରକାର ଚାଷୀମାନଙ୍କ ପାଇଁ କୌଣସି ପଦକ୍ଷପେ ଗ୍ରହଣ ନକରି ଚୁପ୍ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି କହିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଜଳସେଚନର ବିଫଳତା ପାଇଁ ବିଲମୁଣ୍ଡରେ ପାଣି ପହଂଚି ପାରୁନି । ସେହିପରି ଋଣଭାର ଯୋଗୁଁ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ଜଳସେଚନ ବିଭାଗକୁ ଦୀର୍ଘ ସମୟ ଧରି ନିଜ ପାଖରେ ରଖିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାର୍ଯ୍ୟ କରିପାରି ନାହାଁନ୍ତି । ୧୮ ବର୍ଷର ଶାସନ ପରେ ବିଲ ମୁଣ୍ଡରେ ପାଣି ଟୋପେ ପଂହଚି ପାରିଲାନି ଯାହାର ନମୁନା ହେଉଛି ଆଜିର ଏହି ଚାଷୀ ଆତ୍ମହତ୍ୟା । ଚାଷୀ ବିରୋଧୀ ସରକାର ଏବେ ବି କୁମ୍ଭକର୍ଣ୍ଣ ନିଦରେ ଶୋଇଛନ୍ତି । ଚାଷୀଙ୍କୁ କାଳ ପଡିଥିବାବେଳେ ରାଜ୍ୟ ସରକାର ଖେଳରେ ମାତିଛନ୍ତି ।

ବିଜେପୁର ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ଏବଂ ଗଙ୍ଗାଧର ମେହେର ଲିଫ୍ଟ କେନାଲ ପ୍ରକଳ୍ପର ଘୋଷଣା କରି ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରି ନାହାଁନ୍ତି । ରାଜ୍ୟସରକାର କେବଳ ଘୋଷଣା କରି ନିର୍ବାଚନୀ ବୈତରଣୀ ପାର ହେବାକୁ ବସିଛନ୍ତି । ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ରାଜ୍ୟ ସରକାର କେବଳ ଘୋଷଣା ସର୍ବସ୍ୱ ସରକାର ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ରାଜ୍ୟର ଯେଉଁ ବ୍ଲକ ମାନଙ୍କରେ ମରୁଡି ହୋଇଛି ତାକୁ ରାଜ୍ୟ ସରକାର ତୁରନ୍ତ ମରୁଡି ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସଠିକ୍ କ୍ଷତିପୂରଣ ଦେବା ସହ କୃଷିଋଣ ଛାଡ କରିବା ପାଇଁ ଶ୍ରୀ ମହାନ୍ତି ଦାବି କରିଛନ୍ତି । ରାଜ୍ୟ ସରକାର ଚାଷୀ ବିରୋଧୀ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ରାଜ୍ୟର କୃଷକ ଭାଇମାନଙ୍କ ହିତକୁ ଆଖି ଆଗରେ ରଖି ଭାରତୀୟ ଜନତା ପାର୍ଟି ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**